ଆନ୍ଧ୍ର ପ୍ରଦେଶ ରାଜ୍ୟ

ବନାମ

ଡ. କେ. ରାମଚନ୍ଦ୍ରନ

7, ଜାନୁଆରୀ 1998

[ଏସ୍. ସାଗିର ଅହମ୍ମଦ ଏବଂ ଜି. ବି. ପଟାନାଇକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଆନ୍ଧ୍ର ପ୍ରଦେଶ ବେସାମରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକାରଣ) ଅଧିନିୟମ 1960 ।*

*ଧାରା 4 (ଏହା ଆନ୍ଧ୍ର ପ୍ରଦେଶ ଅଧିନିୟମର ଧାରା 6 ଦ୍ୱାରା ସଂଶୋଧନ ପୂର୍ବରୁ ଯେପରି ଭାବରେ ଥିଲା)-ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ-ନ୍ୟାୟାଧିକାରଣ ନିକଟକୁ ବିଚାରର୍ଥେ ପ୍ରେରଣ-ଆବଶ୍ୟକତା-ବୈଧତା-ନ୍ୟାୟାଧିକାରଣ ନିକଟକୁ ମାମଲାକୁ ନପଠାଇ କର୍ମଚାରୀଙ୍କ ଉପରେ ଲାଗୁ ହୋଇଥିବା ଜରିମାନା-ବୈଧତା-ନିର୍ଣ୍ଣିତ: ଶୃଙ୍ଖଳାଗତ ମାମଲା ନ୍ୟାୟାଧିକାରଣ ନିକଟକୁ ପଠାଇବା ବାଧ୍ୟତାମୂଳକ-କ୍ଷେତ୍ରାଧିକରିତା ବିନା ଦଣ୍ଡାଦେଶ ଲାଗୁ ହୋଇଥିଲା ତେଣୁ ବେଆଇନ ।*

*ଆଇନର ବ୍ୟାଖ୍ୟା:*

*ବ୍ୟାଖ୍ୟା ନିୟମ-ସହାୟକ ନିୟମ-ବାଧ୍ୟତାମୂଳକ କିମ୍ବା ନିର୍ଦ୍ଦେଶାତ୍ମକ-ସଂଶୋଧନ-ଶବ୍ଦ " ହେବ"ଶବ୍ଦଟି "ହୋଇପାରେ" ଦ୍ୱାରା ପ୍ରତିସ୍ଥାପିତ ହେବ-ନିର୍ଣ୍ଣିତ: ଏହା ଦର୍ଶାଏ ଯେ ସଂଶୋଧିତ ବ୍ୟବସ୍ଥା ସ୍ୱେଚ୍ଛାକୃତ ହୋଇଥିବାବେଳେ ଅଣ-ସଂଶୋଧିତ ବ୍ୟବସ୍ଥା ବାଧ୍ୟତାମୂଳକ ଅଟେ ।*

**ଆବେଦନକାରୀ ରାଜ୍ୟ 5 ବର୍ଷ ପାଇଁ ଉତ୍ତରଦାତାଙ୍କ ପେନସନରେ 20 ପ୍ରତିଶତ ହ୍ରାସର ଜରିମାନା ଲାଗୁ କରିଥିଲା । ଅନ୍ୟ ଏକ ଆଦେଶ ଦ୍ୱାରା ଆବେଦନକାରୀ ଉତ୍ତରଦାତାଙ୍କ ନିଲମ୍ବନ ଅବଧିକୁ କର୍ତ୍ତବ୍ୟରେ ବିତାଇଥିବା ଅବଧି ଭାବରେ ବିବେଚନା କରିବାକୁ ମନା କରିଦେଇଥିଲେ । ଉତ୍ତରଦାତା ଉପରୋକ୍ତ ଆଦେଶକୁ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ନିକଟରେ ଆପତ୍ତି କରିଥିଲେ । ନ୍ୟାୟାଧିକାରଣ ଉପରୋକ୍ତ ଆଦେଶକୁ ଏହି ଆଧାରରେ ବାତିଲ କରିଦେଇଥିଲା ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କ କୌଣସି ଅଧିକରିତା ନାହିଁ କାରଣ**

**ଆନ୍ଧ୍ର ପ୍ରଦେଶ ବେସାମରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକାରଣ) ଅଧିନିୟମ 1960 ର ଧାରା 4 ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗୁଡିକୁ ନ୍ୟାୟାଧିକରଣ ନିକଟକୁ ପଠାଇବାକୁ ପଡିବ I ସେଥିପାଇଁ ଏହି ଆବେଦନ କରାଯାଇଛି I**

**ଇତି ମଧ୍ୟରେ ଅଧିନିୟମର ଧାରା 4କୁ ଆନ୍ଧ୍ରପ୍ରଦେଶ ଅଧିନିୟମ 1993 ର ଧାରା 6 ଦ୍ୱାରା ସଂଶୋଧନ କରାଯାଇଥିଲା ଏବଂ ଧାରା 4ରେ ଥିବା "ହେବ" ଶବ୍ଦକୁ ମୂଳ ଅଧିନିୟମର ଧାରା 4-A ରେ "ହୋଇପାରେ" ଶବ୍ଦ ଭର୍ତ୍ତି କରି ପ୍ରତିସ୍ଥାପିତ କରାଯାଇଥିଲା I**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: 1.1.ଆନ୍ଧ୍ର ପ୍ରଦେଶ ବେସାମରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକାରଣ) ଅଧିନିୟମ 1960 ର ଧାରା 4ରେ ଥିବା "ହେବ" ଶବ୍ଦକୁ ଦୃଷ୍ଟିରେ ରଖି I 1960: ଜଣେ କର୍ମଚାରୀ ଅସଦାଚରଣ କରିଥିବା ମାମଲା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଧିନିୟମ ଅନୁଯାୟୀ ଗଠିତ ନ୍ୟାୟାଧିକରଣ ପଠାଇବାକୁ ପଡିବ Iଯେତେବେଳେ ଉତ୍ତରଦାତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ସେତେବେଳେ ଉତ୍ତରଦାତା ଦ୍ୱାରା କରାଯାଇଥିବା ଅସଦାଚରଣ ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ଅଧିକରିତା ସରକାରଙ୍କ ପାଖରେ ନଥିଲା I ଏହି ମାମଲାକୁ ନ୍ୟାୟାଧିକରଣ ନିକଟକୁ ପଠାଇବା ବ୍ୟତୀତ ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା I**

**1.2. ଏହି ଅଧିନିୟମର ଧାରା 4, ଯାହା ବାଧ୍ୟତାମୂଳକ ଥିଲା, ତାହାକୁ ଆନ୍ଧ୍ର ପ୍ରଦେଶ ଅଧିନିୟମର ଧାରା 6 ଦ୍ୱାରା ସଂଶୋଧିତ କରାଯାଇଥିଲା ଏବଂ ଧାରା 4ରେ ଥିବା "ହେବ" ଶବ୍ଦଟି "ହୋଇପାରେ" ଶବ୍ଦ ଦ୍ୱାରା ପ୍ରତିସ୍ଥାପିତ ହୋଇଥିଲା, ଯାହା ସରକାରଙ୍କୁ ଏହି ମାମଲାକୁ ନ୍ୟାୟାଧିକରଣ ପଠାଇବା କିମ୍ବା ନ ପଠାଇବା ପାଇଁ ସ୍ୱାଧୀନତା ଦେଇଥିଲା I ଧାରା 4-A, ଯାହା ସେହି ସଂଶୋଧନକାରୀ ଅଧିନିୟମ ଦ୍ୱାରା ମୁଖ୍ୟ ଅଧିଅଧିନିୟମ ରେ ସନ୍ନିବେଶିତ ହୋଇଥିଲା, ଏହା ମଧ୍ୟ ସୂଚିତ କରେ ଯେ ଶୃଙ୍ଖଳାଗତ କାର୍ଯ୍ୟବିଧି ପାଇଁ ନ୍ୟାୟାଧିକରଣ ନିକଟକୁ ପଠାଇବା କିମ୍ବା ନପଠାଇବା କିମ୍ବା ପୂର୍ବରୁ ନ୍ୟାୟାଧିକରଣ ନିକଟକୁ ପଠାଯାଇଥିବା କୌଣସି ମାମଲା ପ୍ରତ୍ୟାହାର କରିବାର ବିକଳ୍ପ, 1993 ର ଅଧିନିୟମର ଧାରା 6 ଦ୍ୱାରା ମୂଳ ଅଧିନିୟମ ର ସଂଶୋଧନ ପରେ ହିଁ ସରକାରଙ୍କ ପାଇଁ ଉପଲବ୍ଧ ହୋଇଥିଲା ଏବଂ ଏହା ପୂର୍ବରୁ ନୁହେଁ I**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 914/1986 I

ଆର. ପି. ସଂଖ୍ୟା 62/1982 ରେ ଆନ୍ଧ୍ର ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କର 22.6.85 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ତରଫରୁ ଶ୍ରୀଯୁକ୍ତ ଜି. ପ୍ରଭାକର ।

ଉତ୍ତରଦାତାଙ୍କ ପାଇଁ କେହି ପକ୍ଷ ରଖି ନଥିଲେ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

**ନ୍ୟାୟାଧୀଶ ସାଘୀର ଆହମଦ** 3, ମାର୍ଚ୍ଚ 1981 ତାରିଖର G.O (MS) M & H ଦ୍ୱାରା ଆନ୍ଧ୍ର ପ୍ରଦେଶ ସରକାର 5 ବର୍ଷର ଅବଧି ପାଇଁ ଉତ୍ତରଦାତାଙ୍କ ପେନସନରେ 20 ପ୍ରତିଶତ ହ୍ରାସର ଜରିମାନା ଲାଗୁ କରିଥିଲେ।10.8.1981 ତାରିଖର ଅନ୍ୟ ଏକ ଆଦେଶ G.O. 1278 M & H ଦ୍ୱାରା, ସରକାର ଉତ୍ତରଦାତାଙ୍କ ନିଲମ୍ବନ ଅବଧିକୁ କର୍ତ୍ତବ୍ୟରେ ବିତାଇଥିବା ଅବଧି ଭାବରେ ବିବେଚନା କରିବାକୁ ମନା କରିଦେଇଥିଲେ । ଉଭୟ ଆଦେଶକୁ ଆନ୍ଧ୍ରପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଉତ୍ତରଦାତାଙ୍କ ଦ୍ୱାରା ଆପତ୍ତି କରାଯାଇଥିଲା, ଯାହା 22 ଜୁନ୍, 1985 ରେ ଏହାର ରାୟ ଦ୍ୱାରା ଆବେଦନକୁ ଅନୁମତି ଦେଇଥିଲା ଏବଂ ଉପରୋକ୍ତ ଆଦେଶକୁ ଏହି ଆଧାରରେ ବାତିଲ କରିଦେଇଥିଲା ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ଅଧିକରିତା ସରକାରଙ୍କ ପାଖରେ ନାହିଁ କାରଣ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କେବଳ ଆନ୍ଧ୍ର ପ୍ରଦେଶ ବେସାମରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ଅଧିନିୟମ 1960 ଅନୁଯାୟୀ ଗଠିତ ନ୍ୟାୟାଧିକରଣ ଦ୍ୱାରା ନିଆଯାଇପାରିବ ।

ଆନ୍ଧ୍ର ପ୍ରଦେଶ ରାଜ୍ୟ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଯୁକ୍ତି ଦର୍ଶାଇଛନ୍ତି ଯେ ସରକାର ନିଯୁକ୍ତିଦାତା ଏବଂ କର୍ତ୍ତୃପକ୍ଷ ଯିଏ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଦଣ୍ଡର ଚୂଡ଼ାନ୍ତ ଆଦେଶ ପାରିତ କରିବା ପାଇଁ ଅଧିକରିତା କ୍ଷେତ୍ର ବଜାୟ ରଖିଛନ୍ତି, ଯେତେବେଳେ କି ଅସଦାଚରଣ ପାଇଁ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ 1960 ଅଧିନିୟମ ଅନୁଯାୟୀ ନ୍ୟାୟାଧିକରଣ ଗଠନ କରାଯାଇଥିଲା ତେଣୁ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ବିପରୀତ ଦୃଷ୍ଟିକୋଣ ସଠିକ୍ ନଥିଲା । ଏହି ତର୍କରେ ଆମେ ପ୍ରଭାବିତ ହୋଇନାହୁଁ ।

ଅଧିନିୟମର ଉପଧାରା (2) (D) 'ନ୍ୟାୟାଧିକରଣ' କୁ ବ୍ୟାଖ୍ୟା କରେ, ଯାହାର ଅର୍ଥ ନ୍ୟାୟାଧିକରଣ ଧାରା 3 ଅନୁଯାୟୀ ଗଠିତ । ଧାରା 2 (C) 'ନିର୍ଦ୍ଧାରିତ' ଶବ୍ଦକୁ ବ୍ୟାଖ୍ୟା କରେ, ଯାହାର ଅର୍ଥ ଅଧିନିୟମ ଅନୁଯାୟୀ ପ୍ରସ୍ତୁତ ନିୟମ ଦ୍ୱାରା ନିର୍ଦ୍ଧାରିତ ।

ଏହି ଅଧିନିୟମର ଧାରା (3) ରେ ନିମ୍ନମତେ ବ୍ୟବସ୍ଥା ରହିଛି:

" ନ୍ୟାୟାଧିକରଣର ପ୍ରତ୍ୟେକ ସଦସ୍ୟ ଜିଲ୍ଲା ବିଚାରପତି ପାହ୍ୟାର ଜଣେ ନ୍ୟାୟିକ ଅଧିକାରୀ ହେବେ ଏବଂ ତାଙ୍କର ନିଯୁକ୍ତି ଉଚ୍ଚ ନ୍ୟାୟାଳୟ ଦ୍ୱାରା ପଠାଯାଇଥିବା ନାମ ମାନଙ୍କ ମଧ୍ୟରୁ ସରକାରଙ୍କ ଦ୍ୱାରା ନିଯୁକ୍ତ କରାଯିବ । ”

ଆନ୍ଧ୍ର ପ୍ରଦେଶ ଅଧିନିୟମ 1993 ର ଧାରା 6 ଦ୍ୱାରା ଏହାର ସଂଶୋଧନ ପୂର୍ବରୁ ଧାରା 4, ନିମ୍ନମତେ ପ୍ରଦାନ କରାଯାଇଛି:

4. ନ୍ୟାୟାଧିକରଣ ନିକଟକୁ ପଠାଯିବାକୁ ଥିବା ମାମଲା: ସରକାର ବିଚାରର୍ଥେ ପ୍ରେରଣ ପାଇଁ ନ୍ୟାୟାଧିକରଣ ନିକଟକୁ ପଠାଇବେ ଏବଂ ସରକାରୀ କର୍ମଚାରୀଙ୍କ ଦ୍ୱାରା ଅସଦାଚରଣ ଅଭିଯୋଗ ବିଷୟରେ ନିର୍ଦ୍ଧାରିତ ମାମଲା ରିପୋର୍ଟ କରିବେ ।

ଏହି ଅଧିନିୟମ ଅନୁଯାୟୀ ନିୟମ ଗୁଡ଼ିକ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ 18 ଜୁଲାଇ 1961 ତାରିଖର G.O. MS No. 895 G.A. (Ser- D) ଅଧୀନରେ ପ୍ରକାଶିତ ହୋଇଥିଲା ଯେଉଁଥିରେ ଅସଦାଚରଣକୁ ନିମ୍ନମତେ ବ୍ୟାଖ୍ୟା କରାଯାଇଛି:

" 2 (b) "ଅସଦାଚରଣ" ର ଅର୍ଥ ଦୁର୍ନୀତି ନିବାରଣ ଅଧିନିୟମ 1947 (1947ର କେନ୍ଦ୍ରୀୟ ଅଧିନିୟମ-ii) ର ଧାରା 5 (1) ଅନୁଯାୟୀ ଅପରାଧିକ ଅସଦାଚରଣ ସହିତ ସମାନ ହେବ ଏବଂ ଏଥିରେ ସେହି ଧାରାର ଖଣ୍ଡ (d) ର ଖଣ୍ଡ (c) ରେ ସୂଚିତ କୌଣସି ଅପରାଧ କରିବାର ପ୍ରୟାସ ଏବଂ "ଭାରତର ସମ୍ବିଧାନର ଅନୁଚ୍ଛେଦ 309ର ପ୍ରାବଧାନ ଅନୁଯାୟୀ କରାଯାଇଥିବା ନିୟମର କୌଣସି ଇଚ୍ଛାକୃତ ଉଲ୍ଲଂଘନ, ଯାହା ରାଜ୍ୟର ବ୍ୟାପାର ସମ୍ବନ୍ଧରେ ସରକାରୀ ସେବା ଏବଂ ପଦବୀରେ ନିଯୁକ୍ତ ବ୍ୟକ୍ତିଙ୍କ ଆଚରଣକୁ ନିୟନ୍ତ୍ରିତ କରିବ । 16.2.1969 ତାରିଖର (G.O. Ms ........No. 1026, G.A. (Ser- D) " ।

ନିୟମ 3 ଯାହା ପ୍ରାସଙ୍ଗିକ ନିୟମ ନିମ୍ନରେ ଉଦ୍ଧୃତ ହୋଇଛି: "ନିୟମ 4 ର ବ୍ୟବସ୍ଥା ଅନୁଯାୟୀ ସରକାର ଅଧିନିୟମ  4 ଅନୁଯାୟୀ ତଦନ୍ତ ଏବଂ ରିପୋର୍ଟ ପାଇଁ ନ୍ୟାୟାଧିକରଣ ନିକଟକୁ ବିଚାରର୍ଥେ ପ୍ରେରଣ ପାଇଁ ପଠାଇପାରିବେ ।

(a) ସରକାରୀ କର୍ମଚାରୀମାନେ ପ୍ରତିମାସ 360 ଏବଂ ତା 'ଠାରୁ ଅଧିକ ମୌଳିକ ଦରମା ପାଇବାର ମାମଲା ଯାହା ଅସଦାଚରଣ ସହିତ ଜଡିତ ହୋଇଥିବ; ଏବଂ

(b) ଯେଉଁ ସରକାରୀ କର୍ମଚାରୀମାନେ ମୌଳିକ ଦରମା 600 ଟଙ୍କାରୁ କମ୍ ପାଉଛନ୍ତି, ସେ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଅସଦାଚରଣ ସହ ଜଡ଼ିତ ମାମଲା ସହ ମାସିକ ଅତିକମରେ 360 ଟଙ୍କା ପାଉଥିବା ସରକାରୀ କର୍ମଚାରୀଙ୍କ ମାମଲା କିମ୍ବା ସେହି ସମାନ କାରବାର ସମୟରେ, ଯେଉଁଥିରେ ଏପରି ଅନ୍ୟ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଅସଦାଚରଣ ଜଡ଼ିତ ଥାଏ । 25.7.1980 ତାରିଖର (G.O. Ms. No. 490 GAD (Ser- D):

କିନ୍ତୁ ଯଦି କୌଣସି ପୂର୍ବ ପର୍ଯ୍ୟାୟରେ ନ୍ୟାୟାଧିକରଣ ପାରିତ ହେବାକୁ ଥିବା ଆଦେଶ ସମ୍ପର୍କରେ ତାଙ୍କର ନିର୍ଣ୍ଣୟ ପ୍ରଦାନ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ନିର୍ଣ୍ଣୟ ପାଇଁ କୌଣସି ନୂତନ ପ୍ରଶ୍ନ ଉଭା ହୋଇନାହିଁ, ତେବେ ଏପରି କୌଣସି ମାମଲା ନ୍ୟାୟାଧିକରଣ ନିକଟକୁ ପଠାଇବା ଆବଶ୍ୟକ ହେବ ନାହିଁ ।  8 ଅକ୍ଟୋବର, 1976 ତାରିଖର (G.O.Ms. No.718, G.A. (Ser- C) ।

" 2 (A) ଯଦି କୌଣସି ମାମଲାରେ ଦୁଇ କିମ୍ବା ତତୋଧିକ ସରକାରୀ କର୍ମଚାରୀ ସମ୍ପୃକ୍ତ ଥାଆନ୍ତି, ତେବେ ସରକାର ଏକ ଆଦେଶ ଦେଇ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇ ଏକ ସାଧାରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ; ଏହା ପରେ ନ୍ୟାୟାଧିକରଣ ସେହି ଅନୁଯାୟୀ ଏପରି ମାମଲାର ତଦନ୍ତ କରିବ "9.8.1972 ତାରିଖର (G.O. Ms. No. 862), G.A  ।

(3) ଉପନିୟମ (1) କିମ୍ବା (2) ରେ ଯାହା କିଛି ଥିବା ସତ୍ତ୍ୱେ, ନ୍ୟାୟିକ ବିଭାଗରେ ଉପୁଜିଥିବା ମାମଲା ଏବଂ ଉଚ୍ଚ  ନ୍ୟାୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ ମାମଲା, ଯେଉଁମାନେ ଭାରତୀୟ ସମ୍ବିଧାନର ଧାରା 229ରେ ନିର୍ଦ୍ଧାରିତ ମୁଖ୍ୟ ବିଚାରପତିଙ୍କ ନିୟନ୍ତ୍ରଣ ନିୟମ ଅଧୀନରେ ଆସିଥାନ୍ତି, ସେମାନଙ୍କୁ ନ୍ୟାୟାଧିକରଣ ପଠାଯିବ ନାହିଁ ।

ଉପରୋକ୍ତ ନିୟମ ଅନୁଯାୟୀ, ଯେଉଁ କର୍ମଚାରୀମାନଙ୍କ ମାମଲା ନ୍ୟାୟାଧିକରଣ ପଠାଯିବ, ସେମାନଙ୍କୁ ନିର୍ଦ୍ଦିଷ୍ଟ କରାଯାଇଛି । ଯଦି ଉପରୋକ୍ତ ବର୍ଗ ମଧ୍ୟରେ ଆସୁଥିବା କୌଣସି କର୍ମଚାରୀ ଅସଦାଚରଣ କରନ୍ତି, ତେବେ ତାଙ୍କ ମାମଲା, ଅଧିନିୟମର ଅପରିବର୍ତ୍ତିତ ଧାରା 4 କୁ ଦୃଷ୍ଟିରେ ରଖି, ବିଶେଷ କରି ଏଥିରେ "ହେବ" ଶବ୍ଦର ବ୍ୟବହାର ହେତୁ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେହି ଅଧିନିୟମ ଅନୁଯାୟୀ ଗଠିତ ନ୍ୟାୟାଧିକରଣ ନିକଟକୁ ପଠାଯାଇପାରିବ । ଏହା ନ୍ୟାୟାଧିକରଣର ଅଧକ୍ଷତା ଉଚ୍ଚ ନ୍ୟାୟାଳୟ ଦ୍ୱାରା ସୁପାରିଶ କରାଯାଇଥିବା ନାମାବଳୀରୁ ସରକାରଙ୍କ ଦ୍ୱାରା ନିଯୁକ୍ତ ଜିଲ୍ଲା ବିଚାରପତି ପାହ୍ୟାର ଜଣେ ନ୍ୟାୟିକ ଅଧିକାରୀ କରିଥାନ୍ତି ।

ଏହା ସ୍ପଷ୍ଟ ଯେ ପ୍ରାସଙ୍ଗିକ ସମୟରେ, ଯେତେବେଳେ ଉତ୍ତରଦାତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ସେତେବେଳେ ଉତ୍ତରଦାତା ଦ୍ୱାରା କରାଯାଇଥିବା ଅସଦାଚରଣ ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କୌଣସି ଅଧିକରିତା ସରକାରଙ୍କ ପାଖରେ ନଥିଲା । ଏହି ମାମଲାକୁ ନ୍ୟାୟାଧିକରଣ ପଠାଇବା ବ୍ୟତୀତ ତାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା ।

ଏହି ଅଧିନିୟମ ଧାରା 4, ଯାହାକି ବାଧ୍ୟତାମୂଳକ ଥିଲା, ଏହା ଆନ୍ଧ୍ର ପ୍ରଦେଶ ଅଧିନିୟମ 1993 ର ଧାରା 6 ଦ୍ୱାରା ସଂଶୋଧିତ ହୋଇଥିଲା ଏବଂ ଧାରା 4ରେ ଥିବା "ହେବ" ଶବ୍ଦଟି "ହୋଇପାରିବ" ଶବ୍ଦ ଦ୍ୱାରା ପ୍ରତିସ୍ଥାପିତ ହୋଇଥିଲା, ଯାହା ସରକାରଙ୍କୁ ଏହି ମାମଲାକୁ ନ୍ୟାୟାଧିକରଣ ପଠାଇବା କିମ୍ବା ନ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା । ଧାରା 4A, ଯାହା ସେହି ସମାନ ସଂଶୋଧନକାରୀ ଅଧିନିୟମ ଯଥା, ଆନ୍ଧ୍ର ପ୍ରଦେଶ ଅଧିନିୟମ 1993ର ଧାରା 6 ଦ୍ୱାରା, ମୁଖ୍ୟ ଅଧିନିୟମ ରେ ସନ୍ନିବେଶିତ ହୋଇଥିଲା, ସରକାରଙ୍କୁ ନ୍ୟାୟାଧିକରଣରୁ କୌଣସି ବି ପର୍ଯ୍ୟାୟରେ, କୌଣସି ମାମଲା, ଏହାର ଉପସଂହାରି ପୂର୍ବରୁ ପ୍ରତ୍ୟାହାର କରିବାର କ୍ଷମତା ପ୍ରଦାନ କରିଥିଲା । ଏହା ପୁନର୍ବାର ସୂଚିତ କରେ ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନ୍ୟାୟାଧିକରଣ ମାମଲା ପଠାଇବା କିମ୍ବା ନ ପଠାଇବା କିମ୍ବା ନ୍ୟାୟାଧିକରଣଙ୍କୁ ପୂର୍ବରୁ ପଠାଯାଇଥିବା କୌଣସି ମାମଲା ପ୍ରତ୍ୟାହାର କରିବାର ବିକଳ୍ପ ଅଧିନିୟମ 1993 ର ଧାରା 6 ଦ୍ୱାରା ମୂଳ ଅଧିନିୟମ ର ସଂଶୋଧନ ପରେ ହିଁ ସରକାରଙ୍କ ପାଇଁ ଉପଲବ୍ଧ ହୋଇଥିଲା ।

ତେଣୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ରାୟରେ କୌଣସି ତ୍ରୁଟି କିମ୍ବା ବେଆଇନତା ନାହିଁ । ଫଳସ୍ୱରୂପ ଆବେଦନଟିକୁ ଖାରଜ କରାଗଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏସ୍. ଏସ୍. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।